# ଜୈବିକ ସାର - ଉପାଦାନ ଓ ପ୍ରସ୍ତୁତି ପ୍ରଣାଳୀ




## ଜିଆ ଖତ ପ୍ରସ୍ତୁତି ଓ ପ୍ରୟୋଗ

**ଜିଆର କିସମ:** ଏସେନିଆ ଫୋଏଟିଡ଼ା, ୟୁଡ଼ିଲସ୍ ୟୁଜେନିଏ, ପେରୀୟନିକ୍ସ ଏସ୍କଭାଟସ୍ ଓ ଲୁମ୍ବ୍ରିକସ୍ ରୁବେଲସ୍

**ଜିଆଖତ ପାଇଁ ଆବଶ୍ୟକୀୟ ଜିନିଷ:** ଇଟା, ପଥର ବା ସିମେଣ୍ଟ କୁଣ୍ଡ, ଇଟାଗୁଣ୍ଡ, ବାଲି, ଗୋଡ଼ି, ମାଟି, ଅଧାସଢ଼ା ଡାଳପତର, ପନିପରିବା ଚୋପା, ଫସଲର ବଳକାଂଶ, ଗୋବର ବା ଅଧାସଢ଼ା ଗୋବର ବା ଖତ, ପାଣି, ଝୋଟ ଅଖା ତଥା ଜିଆ

**ପ୍ରଣାଳୀ :**



୧) ପ୍ରଥମେ କୁଣ୍ଡରେ ୩ ଇଞ୍ଚ ବହଳର, ଇଟାଗୁଣ୍ଡ / ବାଲି / ଗୋଡ଼ି ଦିଅନ୍ତୁ (ପ୍ରଥମ ସ୍ତର)
୨) ତା ଉପରେ ପୁରୁଣା ଖତ ଗୁଣ୍ଡ ଓ ଅଳିଆ ଦେଇ ଜିଆ ନିମନ୍ତେ ଶଯ୍ୟା କରନ୍ତୁ (ଦ୍ୱିତୀୟ ସ୍ତର)
୩) ତା ଉପରେ ଜିଆ ଛାଡ଼ନ୍ତୁ (ତୃତୀୟ ସ୍ତର)
୪) ପଶୁ ପକ୍ଷୀଙ୍କ ମଳ ୧୦ ଭାଗ + ବିଲ ଅଳିଆ ୧ ଭାଗ + ନଡ଼ା ୧ ଭାଗ ଦିଅନ୍ତୁ (ଚତୁର୍ଥ ସ୍ତର)
୫) ତା ଉପରେ ପୁରୁଣା ଝୋଟ ଅଖା ଘୋଡ଼ାଇ ଦେଇ ମଝିରେ ମଝିରେ ପାଣି ସିଞ୍ଚନ କରନ୍ତୁ
୬) ୪୦ - ୫୦ ଦିନରେ ଗାଢ଼ ରଙ୍ଗ ପଡ଼ି ଜିଆ ମଳ ଉପରେ ଥାଏ ଓ ଜିଆଖତ ପ୍ରସ୍ତୁତ ହୋଇଯାଏ

**ସତର୍କତା :**

୧) କୁଣ୍ଡ ଉପରେ ଖରା ବର୍ଷାରୁ ରକ୍ଷା କରିବା ପାଇଁ ଛଣ ବା ଆଜବେଷ୍ଟସ୍ ଛପର କରନ୍ତୁ।
୨) ଟିଣ ବା ଲୁହାକୁଣ୍ଡ ବ୍ୟବହାର କରିବେ ନାହିଁ କିମ୍ବା କଞ୍ଚା ଡାଳପତ୍ର, କମ୍ପୋଷ୍ଟ ଦେବେନାହିଁ ଜିଆ ଉଷୁମ ହେଲେ ମରିଯିବେ
୩) କୁଣ୍ଡରେ ଲୁହାକଣ୍ଟା, କାଚ, କଣ୍ଟାଯୁକ୍ତ ଡାଳ, ବ୍ଲେଡ୍, ପ୍ଲାଷ୍ଟିକ୍ ଖଣ୍ଡ ବା କୌଣସି ଧାରୁଆ ଜିନିଷ ଇତ୍ୟାଦି ପକାନ୍ତୁ ନାହିଁ
୪) କୁଣ୍ଡ ଭିତରକୁ ମୂଷା, ପିମ୍ପୁଡ଼ି, ଜନ୍ଦା, ଉଇ ନଯିବା ପାଇଁ କୁଣ୍ଡ ଚାରିପଟେ ସରୁ ପାଣି ନାଳିଟିଏ କରନ୍ତୁ
୫) ଖତ ହୋଇଯିବାର ୪ ବା ୫ ଦିନ ପୂର୍ବରୁ ପାଣିଦେବା ବନ୍ଦ କରନ୍ତୁ।






## କମ୍ପୋଷ୍ଟ ଖତ ପ୍ରସ୍ତୁତି

**ଆବଶ୍ୟକୀୟ ଜିନିଷ :** ଶୁଖିଲା ଡାଳପତ୍ର, କଞ୍ଚା ଡାଳପତ୍ର, ପରିବା ଚୋପା, ଗୋବର, ମାଟି, ପାଣି, ଖାତ ଖୋଳିବା ପାଇଁ ଉପକରଣ ଇତ୍ୟାଦି।

**ପ୍ରଣାଳୀ :** ପ୍ରଥମେ ବଗିଚାରେ ଗୋଟିଏ ଖାତ ଖୋଳନ୍ତୁ ଓ ତଳେ ଦିଆଯାଇଥିବା ପ୍ରଣାଳୀ ଅନୁସାରେ ସେଥିରେ ଡାଳପତ୍ର ଓ ମାଟି ଦେଇ ପୁରଣ କରନ୍ତୁ। ଗାତଟିର ପ୍ରାୟ ୧ ଫୁଟ୍ ଉଚ୍ଚତା ପର୍ଯ୍ୟନ୍ତ ଉପାଦାନ ରଖି ମାଟି ଓ ଗୋବର ମିଶାଇ ଲିପି ଦିଅନ୍ତୁ। ମଝିରେ ଏକ ବାଡ଼ି ପୋତନ୍ତୁ। ପ୍ରାୟ ୭୫-୮୦ ଦିନ ପରେ ଲିପା ଯାଇଥିବା ମାଟି ତଳକୁ ଦବିବା ସହିତ ଫାଟିବାକୁ ଆରମ୍ଭ କରିବ। ମଝିରେ ମଝିରେ ବାଡ଼ିଟିକୁ ଉପରକୁ ବାହାର କରି ସେଥିରୁ ବାହାରୁଥିବା ଉଷୁମ କୁ ପରଖନ୍ତୁ। ଉଷୁମ କମିଗଲେ କମ୍ପୋଷ୍ଟ ପ୍ରସ୍ତୁତ ହୋଇ ବ୍ୟବହାର ଯୋଗ୍ୟ ହୋଇଗଲା ବୋଲି ଜାଣିବେ।

**କମ୍ପୋଷ୍ଟ ଖାତଟି ରେ ରହୁଥିବା ସ୍ତର :**











**Published by:**
MADHYAM FOUNDATION
Bhubaneswar, Odisha.

**Supported by :**
Azim Premji Philanthropic Initiative
Bangaluru